# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 77 CUTTACK, THURSDAY, JANUARY 12, 2017/PAUSA 22, 1938**


**ପଞ୍ଚାୟତିରାଜ ବିଭାଗ**

ଅଧିସୂଚନା

ତା. 05-01-2017 ରିଖ

**S. R. O. No. 39**/2017— ଯେହେତୁ ପଞ୍ଚାୟତିରାଜ ବିଭାଗ ଅଧିସୂଚନା ସଂଖ୍ୟା 23688, ତା 16-12-2016 ରିଖରେ ଓଡିଶା ଜିଲ୍ଲା ପରିଷଦ ଅଧିନିୟମ ସଂଖ୍ୟା 1991 (1991 ର ଅଧିନିୟମ 17) ର ଧାରା 6 ଅନ୍ତର୍ଗତ ଉପଧାରା (3-A), ଉପଖଣ୍ଡ (g) ଏବଂ 1995 ଓଡିଶା ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀ (ଭାଗ ଓ ସଂରକ୍ଷଣ) ନିୟମାବଳୀର ନିୟମ 8 ଅନୁଯାୟୀ ଅର୍ପିତ କ୍ଷମତା ବଳରେ ଓଡିଶା ସରକାର ଭଦ୍ରକ ଜିଲ୍ଲା ପରିଷଦର ନିର୍ବାଚନ ମଣ୍ଡଳୀ ଏବଂ ସେଥିରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆ ବର୍ଗର ନାଗରିକ ଏବଂ ମହିଳାମାନଙ୍କ ପାଇଁ ସଂରକ୍ଷିତ କରାଯାଇଥିବା ଅନୁମୋଦିତ ତାଲିକା ପ୍ରକାଶ କରିଛନ୍ତି ;

ଏବଂ ଯେହେତୁ ଓଡିଶା ସରକାର ମ୍ୟୁନିସିପାଲ ଅଧିନିୟମ, 1950 (1950 ର ଓଡିଶା ଅଧିନିୟମ 23) ର ଧାରା 4 ରେ ଅର୍ପିତ କ୍ଷମତା ପ୍ରୟୋଗକ୍ରମେ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିସୂଚନା ସଂଖ୍ୟା 29971/HUD. ତା 23-12-2016 ଓ ଅଧିସୂଚନା ସଂଖ୍ୟା 29975/HUD., ତା 23-12-2016 ରିଖରେ ଧାମନଗର ଗ୍ରାମ ପଞ୍ଚାୟତ, ଜୟନଗର ଗ୍ରାମ ପଞ୍ଚାୟତ ଏବଂ ରାଧାବଲ୍ଲଭପୁର ଗ୍ରାମ ପଞ୍ଚାୟତ ଅଧିନସ୍ଥ ତାଳପଦା ରାଜସ୍ୱ ଗ୍ରାମକୁ ଅନ୍ତର୍ଭୁକ୍ତ କରି ଧାମନଗର ବିଜ୍ଞାପିତ ଅଞ୍ଚଳ ଗଠନ କରିଛନ୍ତି ;

ଏବଂ ଯେହେତୁ ଓଡିଶା ପଞ୍ଚାୟତ ସମିତି ଅଧିନିୟମ 1954 (1960 ର ଓଡିଶା ଅଧିନିୟମ 7) ର ଧାରା 15 ଉପଧାରା (1) ଏବଂ (2) ଦ୍ୱାରା ଅର୍ପିତ କ୍ଷମତା ପ୍ରୟୋଗ କ୍ରମେ ପ୍ରକାଶିତ ଓଡିଶା ସରକାର ପଞ୍ଚାୟତିରାଜ ବିଭାଗ ଅଧିସୂଚନା ସଂଖ୍ୟା 36/17-PADM. -19-5063, ତା 2-1-2017 ରିଖରେ ଧାମନଗର ଏବଂ ଜୟନଗର ଗ୍ରାମ ପଞ୍ଚାୟତ ଗୁଡିକୁ ଧାମନଗର ପଞ୍ଚାୟତ ସମିତିର କ୍ଷେତ୍ରାଧିକାରରେ ଅନ୍ତର୍ଭୁକ୍ତ କରାଯାଇନାହିଁ ।

ତେଣୁ ବର୍ତ୍ତମାନ ଓଡିଶା ଜିଲ୍ଲା ପରିଷଦ ଅଧିନିୟମ, 1991 (1991 ର ଅଧିନିୟମ 17) ର ଧାରା 6 ଅନ୍ତର୍ଗତ ଉପଧାରା (3-A), ଉପଖଣ୍ଡ (g) ଏବଂ 1995 ଓଡିଶା ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀର (ଭାଗ ଓ ସଂରକ୍ଷଣ) ନିୟମାବଳୀର ନିୟମ 8 ଅନୁଯାୟୀ ଅର୍ପିତ କ୍ଷମତା ବଳରେ, ରାଜ୍ୟ ସରକାର, ପଞ୍ଚାୟତିରାଜ ବିଭାଗ ଅଧିସୂଚନା ସଂଖ୍ୟା 23688-17-SEC-18-9109 ତା 16-12-2016 ରିଖରେ ନିମ୍ନମତେ ସଂଶୋଧନ କରୁଛନ୍ତି ।

ସଂଶୋଧନ

ପଞ୍ଚାୟତିରାଜ ବିଭାଗ ଅଧିସୂଚନା ସଂଖ୍ୟା 23688, ତା 16-12-2016 ରିଖରେ ସଂଲଗ୍ନ ପରିଶିଷ୍ଟର " ନିର୍ବାଚନ ମଣ୍ଡଳୀର କ୍ରମିକ ସଂଖ୍ୟା ଶୀର୍ଷକ" ସ୍ତମ୍ଭ (1) ଅନ୍ତର୍ଗତ କ୍ରମିକ ସଂଖ୍ୟା 10 ରେ ସୂଚିତ ଧାମନଗର-1 ନିର୍ବାଚନ ମଣ୍ଡଳୀ ପାଇଁ "ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ଗ୍ରାମ ପଞ୍ଚାୟତ ଗୁଡିକର ନାମ" ଶୀର୍ଷକ ସ୍ତମ୍ଭ 3 ରେ ପ୍ରକାଶିତ ଗ୍ରାମ ପଞ୍ଚାୟତ "ଧାମନଗର" ଏବଂ " ଜୟନଗର" କୁ ବାଦ ଦିଆଗଲା ।

[ ସଂଖ୍ୟା 258—17-SEC-18-9109 ]

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ହେମନ୍ତ କୁମାର ପାଢୀ**

ନିର୍ଦ୍ଦେଶକ, ପଞ୍ଚାୟତିରାଜ


Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1947—173+50